ପ୍ରଗତିବାଦୀ
**PRAGATIVADI**

03rd Nov, 2019

# ଆଇଆଇଟି ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ

• ଜଟଣୀ, ପିଏନଏସ



ଜଟଣୀସ୍ଥିତ ଆଇଆଇଟି ପରିସରରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଆଇଆଇଟିର ନିର୍ଦ୍ଦେଶକ ଆର ଭି ରାଜକୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି, ପିଲେନାରି ସ୍ପିକର ଜେନେରାଲ ଭାବରେ ବସନ୍ତ ମହାପାତ୍ର, ଏଭିଏସ୍ଏମ୍, ଅବସରପ୍ରାପ୍ତ ପୂର୍ବତନ ପୋଲିସ ଡ଼ିଜି ନିମାଇଁ ଚରଣ ପାଢ଼ୀ ଓ ରାଜ୍ୟ ମୁଖ୍ୟ ସୂଚନା କମିଶନର ସୁନିଲ ମିଶ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ସେମାନେ କହିଥିଲେ ଯେ ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥା ଦ୍ୱାରା ସର୍ଭେ ରିପୋର୍ଟ ଅନୁସାରେ ଦୁର୍ନୀତରେ ଭାରତର ସ୍ଥାନ ୭୦ରୁ ଉର୍ଦ୍ଧ୍ୱ ଥିବାବେଳେ ରାଜ୍ୟର ସ୍ଥାନ ୧୨ରୁ ଉର୍ଦ୍ଧ୍ୱରେ ରହିଛି । ସେ କହିଥିଲେ ସର୍ଭେ ରିପୋଟରେ ରାଜ୍ୟର ପୁଲିସ, ରାଜସ୍ୱ, ପୌର ପ୍ରଶାସନ, ପଞ୍ଚାୟତ ଆଦି ବିଭିନ୍ନ ବିଭାଗରୁ ଦୁର୍ନୀତି ଅଭିଯୋଗମାନ ଆସୁଛି । ୩୦ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟ କରିଥିବା ସରକାରୀ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା, ସଚ୍ଚୋଟତା ଏବଂ ମାନୁଆଲ ପରିବର୍ତ୍ତେ ବିଭିନ୍ନ ବିଭାଗରେ ବୈଷୟିକ ବ୍ୟବହାର କରାଗଲେ ସମାଜରେ ଦୁର୍ନୀତି ଲୋପ ପାଇପାରିବ ବୋଲି ସେମାନେ ମତ ଦେଇଥିଲେ । ପ୍ରତ୍ୟେକ କ୍ଷେତ୍ରରେ ସ୍ୱଚ୍ଛତା ଆଣିବାକୁ ହେଲେ ରାଜ୍ୟ ସରକାରଙ୍କ ୫-ଟି ଯୋଜନା ଯଦି ସଫଳ ହୁଏ ତେବେ ସାରା ରାଜ୍ୟରୁ ଧିରେ ଧିରେ ଦୁର୍ନୀତି ଲୋପ ପାଇବ । କେତେକ ସ୍ଥଳରେ ସୂଚନା ଅଧିକାର ଆଇନ ଲାଗୁ ହେବା ପରେ ବହୁ ଅଧିକାରୀ ଓ କର୍ମଚାରୀ ସ୍ଥଳ ବିଶେଷରେ ସଞ୍ଚିତ ହୋଇ କାର୍ଯ୍ୟ କରୁଛନ୍ତି । ଆଉ କେତେକ ମଧ୍ୟ ଏହି ଆଇନକୁ ଭ୍ରୂକ୍ଷେପ ନକରି କାର୍ଯ୍ୟକରି ଚାଲିଛନ୍ତି । ହେଲେ ଏବେ ବେଳ ଆସିଛି ଜଣେ ବ୍ୟକ୍ତି ହେଉ ବା ଅଧିକାରୀ ହେଉ ଦୁର୍ନୀତି ଜାଲରୁ ସହଜରେ ଖସିପାରିବ ନାହିଁ । ଏଥିପାଇଁ ମଧ୍ୟ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ତାର ସତର୍କତାର ସହ କାର୍ଯ୍ୟ ଚଳାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କୁଳସଚିବ ଦେବରାଜ ରଥଙ୍କ ସମେତ ଅନ୍ୟାନ୍ୟ ବହୁ ଅଧିକାରୀମାନେ ଉପସ୍ଥିତ ଥିଲେ ।